ସମ୍ପାଦକୀୟ

ନିଶା, ବିଷପାନ ଏବଂ ବିଧ୍ୱଂଶ



ଆମ ସମାଜର ପ୍ରତିଟି ବର୍ଗ ସେ ଧନୀ ହୁଅନ୍ତୁ କି ଗରିବ ଆଜି ସମସ୍ତ ବର୍ଗ ନିଶାରେ କବଳିତ। ଏହାଦ୍ୱାରା ମାନବ ଜୀବନର ଶରୀରିକ ଏବଂ ମାନସିକ ଅବସ୍ଥା କ୍ରମାଗତ ବିଗିଡ଼ି ଯାଉଛି ଏବଂ ଜୀବନ ବିଧ୍ୱଂଶ ଓ ମୃତ୍ୟୁ ଯାଏଁ ପହଞ୍ଚି ଯାଉଛି। ନିଶା ଏବେ ସାଧାରଣ ଲୋକଙ୍କ ମଧ୍ୟରେ ସୀମିତ ରହିନାହିଁ, ବରଂ କଥାକଥିତ ଧନିକ ବର୍ଗ ବିଶେଷତଃ ଆରିଷ୍ଟୋକ୍ରାଟ୍ କୁହାଯାଉଥିବା ସମ୍ଭ୍ରାନ୍ତ ବର୍ଗଙ୍କ ପାଇଁ ଏହା ଏକ ଫେସନ୍ ଭାବରେ କେବଳ ଯେ ବ୍ୟବହୃତ ହେଉଛି ତାହା ନୁହେଁ, ନିଶା ବିହୁନେ ବିଷାଦ ମୁକ୍ତ ହୋଇ ପାରୁନାହାନ୍ତି ଏହି ବର୍ଗର ଲୋକ। ନିଶା ବିଶେଷତଃ ମଦ ବେପାର କରୁଥିବା ବ୍ୟକ୍ତିଙ୍କ ବୁଢ଼ିଆଣୀ ଜାଲରେ ଫସି ଯୁବବର୍ଗଙ୍କ ଆତ୍ମହତ୍ୟା ପ୍ରଭୃତି ଧୀରେ ଧୀରେ ବଢୁଛି। ଦେଶ ଓ ରାଜ୍ୟରେ ଥିବା ବଡ଼ ବଡ଼ ଫାର୍ମ ହାଉସ୍‌ରେ ଲୁଚିଛପି ମଦର ଆସର ପ୍ରସ୍ତୁତ ହେଉଛି। ସେ ମୁମ୍ବାଇ, ଦିଲ୍ଲୀ, ଗୁରୁଗ୍ରାମ, ଜୟପୁର ହେଉ ଅବା ଭୁବନେଶ୍ୱର ସବୁଠି ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହାକୁ କୁହାଯାଉଛି ପାର୍ଟି। ନିର୍ବାଚନ ସମୟରେ ମଦ ଜବତର ଦୃଶ୍ୟ ସାମ୍ନାକୁ ଆସିଲେ ମନେ ହେଉଛି ନର୍ବାଚନରେ ଲୋକ ପ୍ରତିନିଧି ବାଛିବା ପାଇଁ ସାଧାରଣ ନାଗରିକ ମଧ୍ୟ ମଦ ଚାହୁଁଛନ୍ତି। ମଦ ଦେବା ପାଇଁ ରାଜନୈତିକ ଦଳର ନେତା ପରସ୍ପର ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି। କେନ୍ଦ୍ରୀୟ ସାମାଜିକ ନ୍ୟାୟ ଏବଂ ପ୍ରଶାସନିକ ମନ୍ତ୍ରାଳୟ ପକ୍ଷରୁ ଏମ୍‌ସର ନ୍ୟାସନାଲ୍ ଡ୍ରଗ୍ ଡିପେଣ୍ଡେଣ୍ଟ୍ ଟ୍ରିଟ୍‌ମେଣ୍ଟ୍ ସେଣ୍ଟର୍ ପକ୍ଷରୁ ଏକ ସର୍ଭେ ହୋଇଥିଲା। ଜାନୁଆରୀ ୨୦୧୯ର ରିପୋର୍ଟ ଅନୁସାରେ ଭାରତରେ ହାରାହାରି ୨୮ କୋଟି ଲୋକ କୌଣସି ନା କୌଣସି ନିଶା ବା ମାଦକ ସେବକ ସେବନ କରୁଛନ୍ତି। ୧୬ କୋଟି ଲୋକ ମଦ ଏବଂ ୧୨ କୋଟି ଲୋକ ଅନ୍ୟ ମାଦକ ପଦାର୍ଥ ବ୍ୟବହାର କରୁଛନ୍ତି। ଏହାଫଳରେ ହାରାହାରି ୭.୫ କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ପ୍ରତିବର୍ଷ ହାରାହାରି ୨୦ ଲକ୍ଷ ଲୋକ ତମାଖୁ ସେବନ ଯୋଗୁଁ ମୃତ୍ୟୁବରଣ କରୁଛନ୍ତି ଏବଂ ୫ ଲକ୍ଷ ଲୋକ ପ୍ରତିବର୍ଷ ମଦ ପିଇବା କାରଣରୁ ମୃତ୍ୟୁବରଣ କରୁଛନ୍ତି। ନିଶା ବ୍ୟବହାର କରି ଅପ୍ରତ୍ୟକ୍ଷ ଭାବରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଅସଂଖ୍ୟ। ଆଉ ଗୋଟିଏ ସର୍ଭେ ଅନୁସାରେ ହାରାହାରି ୮୫% ଷ୍ଟ୍ରିଟ୍ ଚାଇଲ୍ଡ ନିଶାରେ ଅଭ୍ୟସ୍ତ। ଏମାନଙ୍କୁ ଅସାମାଜିକ ତତ୍ତ୍ୱ ଅସ୍ତ୍ର ଭାବରେ ବ୍ୟବହାର କରି ଅପରାଧିକ କାର୍ଯ୍ୟ କରାଉଛନ୍ତି। ନିଶାଖୋର୍ ସମସ୍ୟା ଯେଉଁଳି ବିକଟ ସେହିଭଳି ଭୟାବହ ସାମାଜ ପାଇଁ ପ୍ରତିକୂଳ ପରିସ୍ଥିତି ତିଆରି କରୁଛି। ସମାଜ, ଶାସନ ଏବଂ ସରକାର ନିଶା ପ୍ରସାରକୁ ଯେଭଳି ଆଖିବୁଜି ଦେଉଛନ୍ତି ତାହା ଫଳରେ ଆମର ସଭ୍ୟତା, ସଂସ୍କୃତି ଏବଂ ବିଚାର ଧରାଶାୟୀ ସ୍ଥିତିରେ। ବ୍ୟକ୍ତି, ପରିବାର ଆଜି ଉଜୁଡ଼ି ଯାଉଛି। ନିଶା କାରଣରୁ ଅପରାଧ ହାର ବଢୁଛି। ବିନାଶ, ବିଧ୍ୱଂଶ ଏବଂ ଆତ୍ମହତ୍ୟା ପ୍ରଭୃତି ଅନିୟନ୍ତ୍ରିତ ହେବାରେ ଲାଗିଛି।

ନିକଟରେ ଓଡ଼ିଶାର ଏକ ସର୍ଭେ ଅନୁଯାୟୀ ନୂଆବର୍ଷ ୨୦୨୪ ପୂର୍ବରୁ ଡିସେମ୍ବର ୩୦ ତାରିଖରେ ୧୧ଲକ୍ଷ ଲିଟର ବିଦେଶୀ ମଦ ବିକ୍ରି ହୋଇଛି। ଓଡ଼ିଶା ଷ୍ଟେଟ୍ ବେଭରେଜ୍‌ସ୍ କର୍ପୋରେସନ୍‌ର ତଥ୍ୟ ଅନୁଯାୟୀ ୯ଟି ସରକାରୀ ଡିପୋରୁ ୧୧ଲକ୍ଷ ଲିଟର ବିଦେଶୀ ମଦ ବିକ୍ରି ହୋଇଛି। ଆୟ ହୋଇଛି ୬୦ କୋଟି ଟଙ୍କାରୁ ଅଧିକ। ଓଡ଼ିଶାରେ ୧୫ବର୍ଷରୁ ଅଧିକ ବୟସର ଲୋକଙ୍କ ମଧ୍ୟରୁ ୨୮.୮% ଲୋକ ମଦ ପିଉଛନ୍ତି। ଜାତୀୟ ହାର ହେଉଛି ୧୮.୮%। ମଦ୍ୟପାନରେ ମହିଳାଙ୍କ ହାର ହେଉଛି ଜାତୀୟ ସ୍ତରରେ ୧.୩% ଥିବାବେଳେ ଓଡ଼ିଶାରେ ଏହିହାର ୪.୩ ପ୍ରତିଶତ। ଓଡ଼ିଶାରେ ମଦ ବିରୋଧୀ ଅଭିଯାନ ଚାଲିଛି। କିନ୍ତୁ ସରକାର ମଦ ପ୍ରସାର ଉପରେ ଯେଉଁଳି ସଂକଳ୍ପବଦ୍ଧ ଉଦ୍ୟମ କରୁଥିବା ମନେ ହେଉଛି। ଗୋଟିଏ ପଟେ ମଦ ପିଇ ଅପରାଧ ହାର ବଢ଼ି ଚାଲିଛି। ଅନ୍ୟପଟେ ସମାଜର ଶାନ୍ତି, ସୌହାର୍ଦ୍ଦ୍ୟ, ଏକତା ମଧ୍ୟ ବାଧାପ୍ରାପ୍ତ ହେଉଛି। ଏପରି ସ୍ଥିତିରେ ସମାଜକୁ ଗଢ଼ିତୋଳିବା ପାଇଁ ମଦ ମୁକ୍ତ କରାଯିବା ପାଇଁ ଆଜି ଦିନରେ ଗୁରୁତ୍ୱ ବହନ କରେ। ସରକାର ରାଜସ୍ୱ ନାମରେ ବ୍ୟକ୍ତି, ପରିବାର ସହ ସମାଜକୁ ଧରାଶାୟୀ ନକରିବା ଉଚିତ୍।

ଶିକ୍ଷାର ଧର୍ମ

ବର୍ତ୍ତମାନ ସମୟରେ ଧର୍ମ ରିଲିଜିଅନ୍ ବା ପନ୍ଥର ଅର୍ଥରେ ପ୍ରଚଳିତ ହୋଇଯାଇଛି। ଧର୍ମ ଶବ୍ଦର ଉଦ୍ଭବ ହେଉଛି ସନାତନ ସଂସ୍କୃତି ବା ଜୀବନ ପଦ୍ଧତି। ଯାହାର ଅର୍ଥ ହେଉଛି କର୍ତ୍ତବ୍ୟ। ଧର୍ମର ଅର୍ଥ ହେଉଛି ବ୍ୟକ୍ତିର ବାସ୍ତବିକ କର୍ତ୍ତବ୍ୟ। ଧାରଣ କରିବାର ଯୋଗ୍ୟ ତାହା ଧର୍ମ ଅଟେ। ଧାରୟତି ଇତି ଧର୍ମହଃ। ସନାତନ ସଭ୍ୟତାରେ ଧର୍ମ ଶବ୍ଦ ବହୁତ ବ୍ୟାପକ ରୂପରେ ଉପଯୋଗ କରାଯାଏ। ଯେପରି ମାନବ ଧର୍ମ, ରାଜଧର୍ମ, ବର୍ଣ୍ଣାଶ୍ରମ ଧର୍ମ, ପିତୃଧର୍ମ, ପୁତ୍ର ଧର୍ମ, ନଦୀ ଧର୍ମ, ବୃକ୍ଷ ଧର୍ମ, ପୃଥିବୀ ଧର୍ମ, ସମାଜ ଧର୍ମ, ରାଜନୀତିର ଧର୍ମ, ଶିକ୍ଷାର ଧର୍ମ ଇତ୍ୟାଦି। ଏଥିରୁ ଆମେ ଧର୍ମକୁ ସାମାନ୍ୟ ଅର୍ଥରେ ଜାଣିଥାନ୍ତି। କିନ୍ତୁ ବାସ୍ତବତା ହେଉଛି ବିଭିନ୍ନ ପରିସ୍ଥିତିରେ ବା ସନ୍ଦର୍ଭରେ ନିଜ ନିଜ କର୍ତ୍ତବ୍ୟ କରିବା ଉଚିତ୍। ଏହି ଅର୍ଥରେ ଅନେକ ପନ୍ଥର ବି ନିଜ ନିଜ କର୍ତ୍ତବ୍ୟ ବା ଧର୍ମ ଥାଏ। ଶିକ୍ଷାର ଧର୍ମ କେବଳ ବିଷ୍ଣୁ ପୁରାଣର ଗୋଟିଏ ଶ୍ଲୋକରୁ ଜଣାଯାଇଥାଏ।



'ତତ୍‌କର୍ମ ଯନ୍ନ ବନ୍ଧ୍ୟାୟ
ସାବିଦ୍ୟା ଯାବିମୁକ୍ତୟେ'
ଆୟୋ ସାୟା ପରଂ କର୍ମ
ବିଦ୍ୟାନ୍ୟା ଶିଳ୍ପ ନୈପୁନମ୍'

ଅର୍ଥାତ୍ କର୍ମ ତାହା ଯାହା ବନ୍ଧନରୁ ମୁକ୍ତ କରେ। ତାହା ହିଁ ବିଦ୍ୟା। ଯିଏ ମୁକ୍ତିର ମାର୍ଗ ଦେଖାଏ। ଏହାର ଅତିରିକ୍ତରେ ଯିଏ କାମ କରିବାର ସବୁ ନିପୁଣତା ଦେଇଥାଏ। ଏବେ ପ୍ରଶ୍ନ ହେଉଛି କେଉଁଥିରୁ ମୁକ୍ତି। ଏହାର ଉତ୍ତର ହେଉଛି ଅହମ୍ ଠାରୁ ବା ଅହଂ ଠାରୁ, ଅଜ୍ଞାନରୁ, କର୍ମରୁ ଦୁର୍ଗୁଣରୁ, ଅନ୍ଧବିଶ୍ୱାସରୁ। ଯେଉଁ ବିଷୟ ଆପଣଙ୍କୁ ବାନ୍ଧି ଥାଏ ଗୋଟିଏ ପରିଧିରେ ଯାହା ଆପଣଙ୍କୁ କୁପମଣ୍ଡୁକର ଭ୍ରାନ୍ତିର ପରିଧିରୁ ବାହାର କରିଥାଏ ତାହା ହେଉଛି ଶିକ୍ଷାର ଧର୍ମ। ସବୁ ବିଷୟା ବନ୍ଧନରୁ ମୁକ୍ତି ଦିଏ ବିଦ୍ୟା। ଏହି ବିଦ୍ୟା ଅଧ୍ୟୟନ ଜୀବନର ଶେଷ ଯାଏ ଚାଲିଥାଏ। ଧାର୍ମିକ ଶିକ୍ଷା କଥା କୁହାଯାଉଛି। ଶିକ୍ଷାର ଧର୍ମ ହେଉଛି ରିଲିଜିଅନ୍। ନିର୍ଦ୍ଦିଷ୍ଟ ପନ୍ଥରେ ଅଟକାଇଥାଏ। ପନ୍ଥ ବା ସମୁଦାୟ ଠାରୁ ନିଜକୁ ପୃଥକ୍ କରିବା ହେଉଛି ସତ୍ ଶିକ୍ଷା। ଧର୍ମ ଯେପରି ଧାରଣ କରିଥାଏ, ପାଳନ କରିଥାଏ ଏବଂ ମୁକ୍ତିର ମାର୍ଗ ଦେଇଥାଏ ସେହିଭଳି ଶିକ୍ଷାର ଧର୍ମ ହେଉଛି ଅନ୍ଧାରରୁ ମୁକ୍ତି ଦେଇ ଆଲୋକର ପଥ ଦେଖାଇବା।

ଏ ସଭ୍ୟତା ଜନଶୋଷଣ ଯନ୍ତ୍ରର ଉତ୍ପାଦନ

ମାୟାଧର ନାୟକ

ଯଦି ଉଶୃଙ୍ଖଳତା ଆଉ ବିଶୃଙ୍ଖଳତା ଆଧୁନିକତା ହୁଏ – ତା'ହେଲେ ସେ ଆଧୁନିକତାର ଆକାଶବାଜି ଭଳି ଏ ଚକଚକିଆ ସଭ୍ୟତା ଆମର ଅନାବଶ୍ୟକ। ପେଟରୁ ପେଟରା ଯାଏ ଯେଉଁଠି ଧନର ଗତି – ତା' ହେଉଛି - ଅର୍ଥନୀତିର ଚରମ ଦୁର୍ଗତି। ସେଇ ଅର୍ଥନୀତି ଅଭିଶପ୍ତ ଅର୍ଥନୀତି। ତାହାର ଭୂମିକା ଜଘନ୍ୟ ଜନବିରାଧୀ ଭୂମିକା। ଆମେ ସିନା ରାଜନୈତିକ ସ୍ୱାଧୀନତା ପାଇଲେ – କିନ୍ତୁ ଅର୍ଥନୈତିକ କ୍ରୀତଦାସ ହୋଇ ରହିଗଲେ। ଏବେ ସାଂସ୍କୃତିକ ସଇତାନ୍ମାନେ ଚାରିଆଡ଼େ ଆତଯାତ।

ବର୍ତ୍ତମାନ ସମୟ ବଡ ଅସମୟ। କ'ଣ କଲେ – କି ରାସ୍ତା ଧରିଲେ ଖାଲି ଲାଭ ହିଁ ଲାଭ ହେବ – ସେଇ ରାସ୍ତାରେ ଲାଭିମାନେ ଦୃତଗତିରେ ଧାବମାନ। ଏବେ ଯେତେସବୁ ଗଣ୍ଡଗାଳ – ଯେ ଜୀଅନ୍ତା ମଣିଷମାନଙ୍କୁ ନେଇ। ଏଇ ଜୀଅନ୍ତା ମଣିଷ ବଦଳରେ ଯଦି ନିର୍ଜିବ ରୋବର୍ଟ ମଣିଷ ଭଳି କାମ କରିପାରିବେ ତା'ହେଲେ ସେମାନଙ୍କୁ ଦରମା ଦେବାକୁ ପଡିବନି କି ଏତେ ଝାମେଲା ନଥିବ। ଏବେ ଅତି ବୁଦ୍ଧିଆ ବୈଜ୍ଞାନିକମାନେ ଏଇ ବର୍ଷେ ହେଲା – ଚାର୍ଟ ଜିପିଟି ଅର୍ଥାତ୍ ଏ.ଆଇ. - ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ – ଅର୍ଥାତ୍ ଜୀବନ ନଥିବା ଯନ୍ତ୍ର ଉଦ୍ଭାବନ କରିଛନ୍ତି।

ଦିନ ଆସିବ ରାଷ୍ଟ୍ରପତି ଠାରୁ ୱାର୍ଡ ମେମ୍ବର ପର୍ଯ୍ୟନ୍ତ ରୋବର୍ଟ ଗଣତନ୍ତ୍ର (ଡେମୋକ୍ରାସୀ) ପ୍ରଚଳନ ହେବ। ଯେଉଁ କୁଳାଙ୍ଗାରମାନେ କାଟି, ଶଙ୍ଖ, ପଦ୍ମ, ସାଗରପତି ବୋଲାଇ ରୋଜକାଷ ଲୁଟ୍ କରିଚାଲିଛନ୍ତି – ସେମାନଙ୍କୁ ବାଧା ଦେବାପାଇଁ କୌଣସି ଜୀଅନ୍ତା ପ୍ରତିନିଧି ନଥିବେ। କେବଳ ଜନପ୍ରତିନିଧି ରୋବର୍ଟ ହେବେନି – ଶାସନ ପ୍ରଶାସନ କରୁଥିବା ଜୀଅନ୍ତା ମଣିଷଗୁଡାକୁ ରୋବର୍ଟରେ ପରିଣତ କରାଯିବ। ସୁଇଚ୍ ଟିପିଲେ ସେମାନେ ସୁନାପୁଅ ଭଳି ସବୁ ଆଦେଶ ପାଳନ କରିବେ। ଏବେ ଆମର ଦୃଷ୍ଟିଗୋଚର ହେଉଛି – ବିଭିନ୍ନ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟରେ ଜଣେ ମାଲିକ ବସି ସୁଇଚ୍ ଟିପି ରୋବର୍ଟମାନଙ୍କୁ ପଠାଇ ଖାଦ୍ୟପିପାସୁମାନଙ୍କ ସେବା କରିବାରେ ଲାଗିଛନ୍ତି। ଏହା ଆମକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଆଗକୁ ସତ ହେବାକୁ ଯାଉଛି। କେବଳ ଶାସନ, ପ୍ରଶାସନ, ବ୍ୟବସାୟ ବାଣିଜ୍ୟ ନୁହେଁ – ଅମ ପୁରସ୍କାର ପ୍ରହସନର ଫୁଙ୍ଗୁଳା କଥା ଆଗକୁ ଭୀଷଣ ବନ୍ୟାଭଳି ମାଡ଼ିଆସୁଛି। ଖରାପ ସାହିତ୍ୟ ଆସିବ – ଭଲ ସାହିତ୍ୟକୁ ବିଦା କରିବେ।

ଲେଖକ, କଳାକାର, ଗଣମାଧ୍ୟମ କାମକୁ ଏ.ଆଇ. (ଇ.ଓ) କ୍ଷଣିକ ମଧ୍ୟରେ କରିଦେବ। କାରଣ ସବୁ ଡାଟା ଥିବ - ଯାହା କହିବ ସେ ସାରାଂଶ ବାହାର କରିଦେବ। ବର୍ତ୍ତମାନ ଚାର୍ଟ ଜିପିଟି, ଏ.ଆଇ.ର କପିରାଇଟ୍ ଆମେରିକା ଦାବି କରୁଛି। ଏ ଆଇନ୍ ଯୁଦ୍ଧରେ ଆମେରିକା ଯଦି ଜିତିଯାଏ – ତା'ହେଲେ ସାରାବିଶ୍ୱ ଆମେରିକା ପାଖରେ ଆଣ୍ଠେଇ ପଡ଼ିବ।

ଯେତେବେଳେ କଳକାରଖାନା ନଥିଲା – ଲୋକେ କୃଷି ଉପରେ ନିର୍ଭର କରୁଥିଲେ। କେବଳ କୃଷିରେ ସଂସାର ଚଳୁନଥିଲା। ଧୀରେ ଧୀରେ ଶିଳ୍ପସଭ୍ୟତା ଆସିଲା । ଶ୍ରମିକମାନେ କଳକାରଖାନାରେ କାମକରି ଭଲ ଦି'ପଇସା ରୋଜଗାର କଲେ। ସେମାନେ କୃଷି ଓ ଶିଳ୍ପରୁ ଆୟକରି ଆରାମରେ ରହିବେ ବୋଲି ଖୁସି ହେଉଥିଲେ। ଧୀରେ ଧୀରେ ଶ୍ରମକ କର୍ମଚାରୀ ଉଚ୍ଛେଦନୀତି ଆରମ୍ଭ ହେଲା। କଳକାରଖାନାରେ ଯନ୍ତ୍ରଦାନବ ମେସିନ୍ ଆସିଲା। ଶ୍ରମିକମାନଙ୍କର ସାନଭାଇଟିଏ ଆସିଗଲା। ମେସିନ୍ ସାନଭାଇ କ'ଣ – ଭାଇ କ'ଣ ଶେଷକୁ ଭଗାରୀ ହୋଇଗଲା ଶ୍ରମିକ ଦୁନିଆର ! ଶିଳ୍ପ ବିପ୍ଳବର ସଭ୍ୟତାକୁ ଦାନ ହେଉଛି – ଏ ମେସିନ୍ - ଯାହା ମଜଦୁର୍ ଦାନାପାଣି ବୁଡାଇଲା। ଶ୍ରମିକମାନଙ୍କ ହାଡ଼ର ହିଡ଼ରେ ରକ୍ତର ସିଆର କାଟି ଠିଆକରାଯାଇ ଆସିଛି ଶହଶହ ଡମଣାମାନଙ୍କ ମୋତି ମହଲ।

ମୋ ଆଖିଦେଖା ହାହାକାର, ହାହୁତାଶର ହାଲ୍ କହିବସିଲେ ଗଦା ଗଦା ପୋଥି ପାଲଟିଯିବ। ସଂକ୍ଷେପରେ ଏତିକି କହିବି ଯେ - ୧୯୭୨ ମସିହାରେ ମୁଁ ଯେତେବେଳେ ସୁକିନ୍ଦା ଅଞ୍ଚଳରେ ଚାଷୀମୂଲିଆ ଶ୍ରମିକମାନଙ୍କ ଆନ୍ଦୋଳନ ପରିଚାଳନା କରିବାକୁ ଯାଇଥିଲି – ସେତେବେଳେ ସୁକିନ୍ଦା ଉପତ୍ୟକା ଖଣିଅଞ୍ଚଳରେ ମାଳମାଳ କ୍ରୋମାଇଟ୍ ଖଣି। ଓଡିଶା ବିଶେଷକରି ଗଞ୍ଜାମ ଅଞ୍ଚଳ ଏବଂ ବିହାର, ଝାଡଖଣ୍ଡ, ବେଙ୍ଗଲୁରୁ ଶ୍ରମିକମାନେ ଅଧିକାଂଶ ଛୁଆପିଲା ଧରି ସୁକିନ୍ଦା ବଣଜଙ୍ଗଲ, ଖଣିଖାଦାନ ଅଞ୍ଚଳରେ କୁଡିଆ ସ୍ଥାପନକରି କାମ କରୁଥିଲେ। ସବୁ ଖଣିର ଶ୍ରମିକ କର୍ମଚାରୀ ମିଶିଲେ ୫୦ହଜାର ପାଖାପାଖି ହେବେ। ସେମାନେ ସେତେବେଳେ କେନ୍ଦ୍ର ସରକାରର ଖଣି ଓ ଶ୍ରମ ଆଇନ୍ ଅନୁଯାୟୀ ମଜୁରୀ ପାଉନଥିଲେ। କେବଳ ରାଜ୍ୟ ସରକାରଙ୍କ ସର୍ବନିମ୍ନ ମଜୁରୀ ୩ ଟଙ୍କା ପାଉଥିଲେ। ସେଥିରେ ସେମାନେ ବଡ଼ ହିନିମାନିଆ ଭାବେ ଚଳୁଥିଲେ। ଅଧିକାଂଶ ଶ୍ରମିକ ରାଗରେ ପଡି ମରିଯାଉଥିଲେ।

ସମସ୍ୟା ବଡ଼ କିଟିମିଟିଆ। ଶ୍ରମିକମାନଙ୍କୁ ସଂଗଠିତ କରି ସେମାନଙ୍କର ହକ୍ ପ୍ରାପ୍ୟ ଦିଆକରାଇବା ପାଇଁ କୌଣସି ସଂଗଠନ, ୟୁନିଅନ୍ କି ନେତା ନଥିଲେ। ମୁଁ ସେତେବେଳେ ଖଣି ଅଞ୍ଚଳରେ ପ୍ରାୟ ମାସେକାଳ ବିଭିନ୍ନ ସମୟରେ ବୁଲାବୁଲି କରି କିଛି ଲୋକଙ୍କ ସହ ଯୋଗଯୋଗ କରି ସେମାନଙ୍କର ଦୁଃଖଦୁର୍ଦ୍ଦଶା ସଂପର୍କରେ ଅବଗତ ହେଲି। ସେମାନଙ୍କୁ ସଂଗଠିତ କରିବାପାଇଁ ପଣ କଲି। ଧୀରେ ଧୀରେ ଶ୍ରମିକମାନେ ସଂଗଠିତ ହେଲେ। ମୋ ନେତୃତ୍ୱରେ ୟୁନିଅନ୍ ଗଢିଉଠିଲା। ମାଲିକମାନଙ୍କୁ ଦାବିପତ୍ର ଦିଆଗଲା। ଶ୍ରମିକମାନଙ୍କ ସଂଗଠିତ ଶକ୍ତି ଦେଖି ମାଲିକମାନେ କିଛି କିଛି ଦାବି ପୂରଣ କରିବାପାଇଁ ବାଧ ହେଲେ। ସେମାନଙ୍କ ମଜୁରୀ ବଢ଼ିଲା। ସେମାନେ ବୋନସ୍ ମଧ୍ୟ ପାଇଲେ। ଏ ଖବର ଚାରିଆଡ଼େ ବ୍ୟାପିଯିବାରୁ ଢେଙ୍କାନାଳ ଜିଲ୍ଲାର କୋଠପାଳ, ତାଳଚେର, ଅନୁଗୋଳ, କେନ୍ଦୁଝର ଜିଲ୍ଲାର ଯୋଡା, ବଡବିଲ୍, ଶୁଆକାଠି, ବଉଳା, ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ, ବାଦାମପାହାଡ ଶ୍ରମିକମାନେ ମଧ୍ୟ ସେମାନଙ୍କ ହକ୍ ପ୍ରାପ୍ୟ ପାଇଁ ମୋ ପାଖକୁ ଆସି କିଛିଟା ଉପକାର ପାଇଲେ।

ଖଣିମାଲିକ ଠିକାଦାରମାନେ ପୂର୍ବରୁ ଯେଉଁ ଲାଭ ଓ ଲାଭରେ ମସଗୁଲ୍ ଥିଲେ – ସେମାନଙ୍କ ଲାଭରୁ କିଛିଟା କମିଗଲା। ସେତେବେଳେ ଏସିଆ ଗେମ୍ ଦିଲ୍ଲୀରେ ହେଉଥିଲା। ଗୋଟିଏ ସପ୍ତାହରେ ସୁଇମିଂ ପୁଲ୍ ପାଇଁ ବିଦେଶରୁ କିଛି ମେସିନ୍ ଅଣାଗଲା। ସେମାନେ ସର୍ତ୍ତ ରଖିଥିଲେ – ସୁଇମିଂ ପୁଲ୍ ପରେ ଏ ମେସିନ୍ ଆମେ ନେଇ କ'ଣ କରିବୁ। ସେ ସର୍ତ୍ତ ଅନୁସାରେ ମେସିନ୍ ଗୁଡାକ ଖଣିଖାଦାନ, ରାସ୍ତାକାମ ଓ ଅନ୍ୟାନ୍ୟ ମାଟିଖୋଳା କାମରେ ନିୟୋଜିତ ହେବ। ସେଠାରୁ ସୁକିନ୍ଦା ଖଣିଅଞ୍ଚଳକୁ ଖଣିମାଲିକମାନେ ମେସିନ୍ ପ୍ରବେଶ କରାଇଲେ। ଦିନେ ଏଇ ମେସିନ୍ ବିରୋଧୀ ଆନ୍ଦାଳନର ନେତୃତ୍ୱ ନେବାକୁ ପଡିଥିଲା – ଯେତେବେଳେ ଛଟେଇର ଛୋଟ ମାଡ଼ରେ ଲହୁଲୁହାଣ ଶ୍ରମିକସାମଜ ପାଇଁ ଗଣ୍ଡେ ଦାନା, ଖଣ୍ଡେ କନା ପିନ୍ଧିବା ପାଇଁ ସୁଦ୍ଧା ଅଭାବନୀୟ ଅବସ୍ଥା ଉପୁଜିଥିଲା।

ଏଇ ମଣିଷମରା ମେସିନ୍ ଶ୍ରମିକମାନଙ୍କୁ ଉଚ୍ଛେଦ କଲା। ଗୋଟିଏ ଗୋଟିଏ ମେସିନ୍ ଜଣେ ଡ୍ରାଇଭର, ହେଲ୍ପର, ଡିଜେଲ୍ ପିଇ ହଜାରେ ସଂଖ୍ୟକ ଶ୍ରମିକଙ୍କ କାମ କଲା। ଏହା ବିରୁଦ୍ଧରେ ସୁକିନ୍ଦା ଖଣି ଅଞ୍ଚଳରେ ଦୁର୍ବାର ଶ୍ରମିକଆନ୍ଦାଳନ ଗଢ଼ିଉଠିଲା। ବହୁ ଖଣିରୁ ମେସିନ୍ ଉଚ୍ଛେଦ ହେଲା। ଖଣିମାଲିକ, ଠିକାଦାର, ସରକାରଙ୍କ ଅଶୁଭମୈତ୍ରୀ ଗଢ଼ିଉଠି ଶ୍ରମିକ ବିରୋଧୀ ନେତାମାନଙ୍କୁ ସମସ୍ତ ସାହାଯ୍ୟ ସହଯୋଗ ଦେଇ ଶ୍ରମିକ ଶ୍ରମିକ ମଧ୍ୟରେ ଗଣ୍ଡଗୋଳ, ମାର୍ ପିଟାପିଟି ସଂଘର୍ଷ ଲଗାଇ ଦେଲେ। ଆଜି ସେଠାରେ ଶ୍ରମିକ ବଦଳରେ ମେସିନ୍ କାମ କରୁଛି। କେବଳ ସୁକିନ୍ଦା ଅଞ୍ଚଳରେ ନୁହେଁ – ସାରା ଓଡିଶାର ବିଭିନ୍ନ ଖଣିଖାଦାନ, ରାସ୍ତାଘାଟ ମଣିଷ ବଦଳରେ ମେସିନ୍ ଦଖଲ କରିନେଇଛି।

ଏ କେବଳ ଓଡିଶା ନୁହେଁ – ସାରା ଭାରତ ବର୍ଷରେ ଆଜି କୋଟିକୋଟି ଶ୍ରମିକଙ୍କୁ ବେକାର କରି ମେସିନ୍ ଜରିଆରେ କାମ ହେଉଛି। ଏହା ଗରୀବ, କୁଲିମଜୁରିଆମାନଙ୍କ ମୁଣ୍ଡରେ ଚଡ଼କ। ପୁଣି ଧୀରେ ଧୀରେ ମାଲିକ ଓ ସରକାରୀ ଅଫିସ୍ ଓ ଦପ୍ତରରେ କମ୍ପ୍ୟୁଟର ପ୍ରଚଳନ କରି ଲକ୍ଷଲକ୍ଷ କର୍ମଚାରୀଙ୍କ ଦାନା ଛଡ଼ାଇ ନେଲେ। ସାରା ଭାରତରେ ଏଇ ମେସିନ୍ ଓ କମ୍ପ୍ୟୁଟର ପ୍ରଚଳନ ବିରୁଦ୍ଧରେ ଆନ୍ଦୋଳନ ହେଲା। ଆନ୍ଦୋଳନକୁ ସରକାର ଓ ମାଲିକମାନଙ୍କ ଗୁଣ୍ଡାମାନେ ଦୃଢ଼ ହସ୍ତରେ ଦମନ କଲେ। ଭାରତର ଶ୍ରମିକ କର୍ମଚାରୀମାନେ ବିଦେଶ ଯାଇ ଆଧୁନିକ କ୍ରୀତଦାସ ପାଲଟିଗଲେ। ଆଜିବି ଏତେ ଲାଭ ମାଲିକ ଶ୍ରେଣୀ ପାଇ ମଧ୍ୟ ସରକାରଙ୍କୁ ନିଜ ଆୟତରେ ରଖି ମନ ତଥାପି ସନ୍ତୁଷ୍ଟ ହେଉନାହିଁ। ଏବେ ସେମାନେ ରୋବର୍ଟମାନଙ୍କୁ ଅଫିସ୍, ଦପ୍ତର, କଳକାରଖାନା, ଖଣିଖାଦାନ, ରାସ୍ତାଘାଟରେ ନିୟୋଜିତ କରିବା ପାଇଁ ଯୋଜନା କରୁଛନ୍ତି। ଆଉ ଜୀଅନ୍ତା ମଣିଷ ନଥିବେ। ଖାଲି ଲାଭ ହିଁ ଲାଭ ଥିବ। ଭାଗଦଖଲର ଭୋକୀବୈକୁଣ୍ଠମାନେ ଓଡିଶା ଓ ଭାରତବର୍ଷକୁ ଚକବନ୍ଦୀ ହିସାବରେ ଭାଗ କରିନେଲେଣି। ଯାତନାର ଜତୁଗୃହରେ ଜର୍ଜରିତ କେବଳ ଜନଜାତି ନୁହଁନ୍ତି – ସମଗ୍ର ଭାରତ ବର୍ଷର ଶ୍ରମଜୀବୀଶ୍ରେଣୀ ତତଲା କଡ଼େଇରେ ପଡି ଛଟପଟ ହେବେ। ଏହା ହିଁ ସଂଗୀନ୍ ସତ୍ୟ।

ଯାଜପୁର ରୋଡ, ଯାଜପୁର

ମୋ: ୯୮୬୧୦୩୪୧୬୩

ପ୍ରଦୂଷଣ ଓ କର୍ପୋରେଟ ଶୋଷଣରୁ ମୁକ୍ତି ପାଇଁ କେନ୍ଦ୍ରୀୟ ନଦୀ ସୁରକ୍ଷା ଆଇନ ପ୍ରଣୟନ ଜରୁରୀ

ପ୍ରଫୁଲ୍ଲ ସାମନ୍ତରା

ସକୋରାପୁଟର କୋଲାବ ନଦୀ ଉପରେ ଜଳଭଣ୍ଡାର ନିର୍ମାଣ ହୋଇଛି ଜଳବିଦ୍ୟୁତ ଉତ୍ପାଦନ ପାଇଁ। ନଦୀର ମିଶ୍ରଣ ହୋଇଛି ଗୋଦାବରୀ ନଦୀରେ। ଦେଓମାଳି ଓ ମାଳିପର୍ବତରେ ଥିବା ଝରଣାଗୁଡ଼ିକର ପ୍ରବାହିତ ଜଳ କୋଲାବର ଉତ୍ସ। ପଞ୍ଚପଟମାଳି ପର୍ବତରେ ନାଲକୋ ବକ୍‌ସାଇଟ୍ ଖନନ କରୁଛି ଦୀର୍ଘ ୩୦ ବର୍ଷଧରି, ଅନେକ ଜଳ ଉତ୍ସ ଶୁଖିଗଲାଣି। ଆଦିତ୍ୟ ବିରଳାକୁ ମାଳିପର୍ବତ ହସ୍ତାନ୍ତର ହୋଇଛି ଖଣି ଖନନ ପାଇଁ ଯେଉଁଠି ୩୬ଟି ଛୋଟ ବଡ଼ ଚିରସ୍ରୋତା ଝରଣା ରହିଛି ଯାହାକି ପ୍ରକୃତିର ଅବଦାନ। ଆଦିବାସୀଙ୍କ କୃଷି ଓ କୋଲାବ ପାଇଁ ଏସବୁ ଜଳ ଉତ୍ସଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ। ସ୍ଥାନୀୟ ଆଦିବାସୀ ଦୀର୍ଘ ୨୦ ବର୍ଷ ଧରି ଗଣତାନ୍ତ୍ରିକ ପ୍ରତିରୋଧ ଆନ୍ଦୋଳନ କରି ଅଟକାଇଥିବାରୁ କୋଲାବ ନଦୀ ସୁରକ୍ଷିତ ରହିଛି। ଏବେ ଦେଓମାଳିକୁ ଜଙ୍ଗଲ ବିଭାଗ ପରିବର୍ତ୍ତେ ରାଜସ୍ୱ ବିଭାଗରେ ରଖିବାକୁ ଷଡ଼ଯନ୍ତ୍ର ଚାଲିଛି ଯାହା 'ଲରେ ଖଣି ଲିଜ ପ୍ରଦାନ ପାଇଁ ସହଜ ହୋଇଯିବ। ତାହା ଯଦି କାର୍ଯ୍ୟକାରୀ ହୋଇଯାଏ ତାହା ହେଲେ କୋଲାବ ନଦୀ ସଂପୂର୍ଣ୍ଣ ପ୍ରଭାବିତ ହେବ ଓ ନଦୀର ଅକାଳ ମୃତ୍ୟୁ ହେବା ସହ ଜଳଭଣ୍ଡାରଟି ଜଳଶୂନ୍ୟ ହୋଇଯିବ।

କୋଲାବ ନଦୀ କିଛି ଦୂର ଗଲା ପରେ ସାବରୀ ନଦୀ ରୂପେ ପରଚିତ। ଯାହାର ଦୀର୍ଘତା ୨୦୦ କି.ମି.। ଏହାର ଉତ୍ପତ୍ତିସ୍ଥଳ ସିଙ୍କରାମ ପର୍ବତ। ସାବରୀ ନଦୀରେ ସାମିଲ ହୋଇଛି। ସିଲେରୁ ନଦୀର ଉପର ମୁଣ୍ଡ ମାଛକୁଣ୍ଡ ରୂପେ ନାମିତ। ଏହି ନଦୀ ଉପରେ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ରହିଛି। ଓ ବାଲିମାଳା ଜଳ ଭଣ୍ଡାର ରହିଛି। ବିଦ୍ୟୁତ ଉତ୍ପାଦନ ପାଇଁ। ମାଲକାନଗିରି ଜିଲ୍ଲାର ଶେଷ ମୋଟୁରେ ଦୁଇ ନଦୀର ମିଳନ ପରେ ଗୋଦାବରୀ ନଦୀରେ ସଙ୍ଗମ ହୋଇଛି। ଗୋଦାବରୀ ନଦୀ ଉପରେ ପୋଲାଭରମ୍ ଜଳ ଭଣ୍ଡର ନିର୍ମାଣ ଦ୍ୱାରା ଏହି ଦୁଇ ନଦୀ ପ୍ରତି ବିପଦ ଦେଖାଦେଇଛି।

ଇନ୍ଦ୍ରାବତୀ ଆଉ ଏକ ପ୍ରମୁଖ ନଦୀ। ତାର ଉତ୍ପତ୍ତି ସ୍ଥଳ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁରର ମାର୍ଦ୍ଦିଗୁଡ଼ା ପର୍ବତ। ଏହା ୫୩୫ କି.ମି. ଦୂର ଗତି କରି ଛତିଶଗଡ଼, ମହାରାଷ୍ଟ୍ର ତେଲଙ୍ଗନା ଦେଇ ଗୋଦାବରୀ ନଦୀରେ ମିଶିଛି। ୧୬୪ କି.ମି ଓଡ଼ିଶାର କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଦେଇ ଯାଇଛି। ଏହା ସହ ମିଶିଛନ୍ତି କେଶଧାରା ନାଳ, ଚନ୍ଦ୍ରଗିରିନାଳ, ଗୋଲାପର ନାଳ, ପରଗଡ଼ନାଳ, କାପୁନାଳ, ମୁରନ ନଦୀ, ତେଲିଙ୍ଗନା, ବାଙ୍ଗିରିନାଳ, ମାର୍ଲିଜୋରୀନାଳ, ତୁରୀନାଳ, ଚୌରିଜୋରୀ ନାଳ, ଦମୟନ୍ତୀ ସାୟାର, କେରାନଦୀ, ପ୍ରାଦୀଲୁଣ୍ଡି ଜୋରୀ, ଜଉରାନଦୀ ଓ ଭାସ୍କେଲ ନଦୀ। ମୁଖିଗୁଡ଼ାରେ ବୃହତ ଜଳଭର୍ଣ୍ଡାର ନିର୍ମିତ ହୋଇଛି। କଳାହାଣ୍ଡି ଜିଲ୍ଲାର ପୂର୍ବଘାଟ ପର୍ବତମାଳର ଏକ ପ୍ରମୁଖ ଖଣ୍ଡୁଆଳମାଳ ପର୍ବତର ଚତୁର୍ଦ୍ଦିଗରୁ ତିନି ଶହରୁ ଅଧିକ ଛୋଟବଡ଼ ଚିରସ୍ରୋତା ଝରଣା ରହିଛି ସେ ସବୁରୁ ଇନ୍ଦ୍ରାବଦୀ ଓ ନାଗାବଳୀ ନଦୀକୁ ଜଳଯାଏ। ଏବେ ଓଡ଼ିଶା ସରକାର ଖଣ୍ଡୁଆଳମାଳିର କଳାପାଟ ସରଂକ୍ଷିତ ଜଙ୍ଗଲରେ ବକ୍‌ସାଇଟ ଖଣି ନିଲାମ କରିସାରିଛନ୍ତି। ଏଠି ଖଣିଖନନ ହେଲେ ଖଣ୍ଡୁଆଳମାଳିରେ ଥିବା ବକ୍‌ସାଇଟ ଶେଷ କରି ଦେବାକୁ କଂପାନୀମାନଙ୍କୁ ଲାଗିବ ୩୦ ବର୍ଷ। ଏପରି ବିନାଶ ପ୍ରକ୍ରିୟାରେ ଜଙ୍ଗଲ ଧ୍ୱଂସ ହେବା ସହ ଇନ୍ଦ୍ରାବତୀରେ ବିଶେଷ ଭାବେ ଜଳାଭାବ ରହିବ। ଜଳ ଭଣ୍ଡାରର ଭବିଷ୍ୟତ ଜଳବାୟୁ ପ୍ରତି ବିପଦ ସହ ହଜାର ହଜାର ଆଦିବାସୀମାନଙ୍କ ଜୀବନ-ଜୀବିକା ଦୁର୍ବିସହ ହୋଇପଡ଼ିବ। ଏଠି ଖଣିଖନନ ନିଷେଧ କରିବାକୁ ଆଦିବାସୀ-ଜନବାସୀ ମାନେ ସଂଗଠିତ ହୋଇ ଆନ୍ଦୋଳନ ଚଲୁରଖିଛନ୍ତି। ଏହି ଆନ୍ଦୋଳନର ସ'ଳତାରେ ଇନ୍ଦ୍ରାବତୀ ନଦୀର ସୁରକ୍ଷା ନିଶ୍ଚିତ। ଏଥିପାଇଁ ଜନ ସମର୍ଥନ ଏକାନ୍ତ ଜରୁରୀ।

ସେହିପରି ମହାନଦୀରେ ମିଶିଥିବା ତେଲ ନଦୀ (ସୁବର୍ଣ୍ଣପୁର)ରେ ଜାନ୍ୟୁରୀ ମାସରୁ ପୁଣି ବର୍ଷା ଋତୁ ଆସିବା ପର୍ଯ୍ୟନ୍ତ ଜଳର ଅଭାବ। ମାଛ ନାହିଁ। ତେଲ ନଦୀରୁ ୬୦କି.ମି. ପାଇପ ଲାଇନରେ ଲାଞ୍ଜିଗଡ଼ର ବେଦନ୍ତ ଆଲୁମିନା କଂପାନୀ ପାଣି ନେଉଛି। ଭବିଷ୍ୟତରେ ଅତ୍ୟଧିକ ଜଳ ଯେପରି ନ ନିଏ ତାହା ଉପରେ ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ ଲଗାମ ଲଗାଇଛନ୍ତି। ଜଳ ଉପର ମୁଣ୍ଡରୁ ପ୍ରଦୂଷିତ ବୁଢ଼ାବଳଙ୍ଗ ନଦୀରୁ କଂପାନୀକୁ ଜଳ ଯୋଗାଣ ପ୍ରକଳ୍ପକୁ ସ୍ଥାନୀୟ ଜନତା ପ୍ରତିବାଦ କରି ବନ୍ଦ ରଖିଛନ୍ତି। ବୁଢ଼ାବଳଙ୍ଗ ସିମିଳିପାଳ ଜଙ୍ଗଲରୁ ଜାତ ଓ ତା ସହ ମିଳିଛି ସେହି ଜଙ୍ଗଲରୁ ଜାତ ଦୁଇ ଝରଣା ପଳ୍ପଳା ଓ ଚିପଟ। ଏହାର ଦୀର୍ଘ ୧୭୫ କି.ମି. ଶିଳ୍ପରୁ ନିର୍ଗତ ଓ ବାରିପଦା ଓ ବାଲେଶ୍ୱରର ମେଡ଼ିକାଲ ବର୍ଜ୍ୟବସ୍ତୁ ଦ୍ୱାରା ନଦୀ ଜଳ ସଂକ୍ରମିତ। ୨୦୧୯ ବେଳକୁ କେନ୍ଦ୍ରୀୟ ପରିବେଶ ନିୟନ୍ତ୍ରଣ ପରିଷଦର ମତ ଅନୁଯାୟୀ ଓଡ଼ିଶାର ୧୯ଟି ଅତି ପ୍ରଦୂଷିତ ନଦୀ ମଧ୍ୟରୁ ବୁଢ଼ାବଳଙ୍ଗ ଅନ୍ୟତମ।

କଟକରୁ ମହାନଦୀ ଉପ ନଦୀ କାଠଯୋଡ଼ି ନଦୀ କିଛି ଦୂର ଗଲା ପରେ ଦେବୀ ନଦୀ ନାମରେ ନାମିତ। ଏହି ନଦୀ ଅସ୍ତରଙ୍ଗ ସମୁଦ୍ର କୂଳରେ ମିଳିଛି – ଯେଉଁଠି ସାମୁଦ୍ରିକ ଲୁଣା। ଜଙ୍ଗଲ ରହିଛି ଓ ଏହି ନଦୀ ମୁହାଁଣରେ ଅଲିଭରିଡ଼ଲି କଇଁଚମାନଙ୍କ ଅଣ୍ଡା ଦେବା ଆଶ୍ରୟ ସ୍ଥଳ। ଏହି ନଦୀର ଜଳପ୍ରବାହ ଏବଂ ଶିଳ୍ପମାନଙ୍କୁ ଜଳ ଦିଆଯାଉଛି। ପ୍ରଦୂଷଣ ମଧ୍ୟ ଅତି ଚିନ୍ତାଜନକ। ପରିବେଶୀୟ ସ୍ୱାର୍ଥ ଦୃଷ୍ଟିରୁ ଦେବୀନଦୀର ସ୍ୱଚ୍ଛଜଳ ସମୁଦ୍ର ପର୍ଯ୍ୟନ୍ତ ବହିବା ଉଚିତ୍।

ସୁବର୍ଣ୍ଣରେଖା ନଦୀ ଉପରେ ଡ୍ୟାମ ଏ ପର୍ଯ୍ୟନ୍ତ ଶେଷ ହୋଇପାରୁନି। ଏହି ନଦୀରେ ଖଣିଜ ଦ୍ରବ୍ୟ ପରିବହନ କରିବା ପାଇଁ ନଦୀବନ୍ଦର ପ୍ରସ୍ତାବ ନଦୀର ଜୈବବିବିଧତା ଓ ପ୍ରାକୃତ ପ୍ରବାହ ବାଧାପ୍ରାପ୍ତ ହେବ। ଭୁବନେଶ୍ୱର ଦୁଇପାର୍ଶ୍ୱରେ ଥିବା କୁଆ-ଖାଇ, ଦେବୀ-ଭାର୍ଗବୀ ଓ ଦୟା ନଦୀଗୁଡ଼ିକୁ ରୁଗଣ କରି ଦିଆଯାଇଛି। ସହରର ଆବର୍ଜନା ରାସାୟନିକ ବର୍ଜ୍ୟବସ୍ତୁ ଓ ଗଦାଗଦା ପୋଲିଥିନ୍ ନଦୀଗୁଡ଼ିକୁ କଦର୍ଯ୍ୟ ଭାବେ ପ୍ରଦୂଷିତ କରିବା ଯୋଗୁଁ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ଗଙ୍ଗୁଆନାଳ ଏକଦା ଏକ ଛୋଟ ପୂର୍ଣ୍ଣାଙ୍ଗ ନଦୀ ଥିଲା, ଆଜି ନାଳ ହୋଇ ଯାଇଛି। ଆବର୍ଜନା ଦ୍ୱାରା ବିଭିନ୍ନ ସ୍ଥାନ (ନଦୀ ରାସ୍ତାରେ) ଅଦରକାରୀ ହୋଇଯାଇଛି। ତଥାପି ସରକାର ଓ ପୌର ସଂସ୍ଥାର କର୍ତ୍ତବ୍ୟ ସେହି ପ୍ରକୃତିଦତ୍ତ ଗଙ୍ଗୁଆ ନାଳକୁ ନଦୀ ରୂପେ ପୁନର୍ଦ୍ଧାର କରିବା। ବୈଜ୍ଞାନିକ ବିଚାର ସହ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି।

ଭୁବନେଶ୍ୱର ଉତ୍ତରରେ ବହି ଯାଉଥିବା କୁଆଖାଇ ନଦୀର ଦୁଇ ଉପନଦୀ ଦୟା ଓ ଭାର୍ଗବୀ ସୃଷ୍ଟି ହୋଇ ଚିଲିକାରେ ମିଶିଛନ୍ତି। ନଦୀକୂଳିଆ ଜନତାଙ୍କ ସ୍ୱାସ୍ଥ୍ୟକର ସ୍ୱଚ୍ଛ ଜଳର ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇନଦୀର ଶାରିରୀକ ସୁସ୍ଥତା ଏକାନ୍ତ କାମ୍ୟ। କିଂତୁ ଭୁବନେଶ୍ୱର ସହରର ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ, ଆପରିଚାଳିତ ପଲିଥିନ ଓ ବିଷାକ୍ତ ମେଡ଼ିକଲ ବର୍ଜ୍ୟବସ୍ତୁଗୁଡ଼ିକର ବିଭିନ୍ନ ପ୍ରକ୍ରିୟାରେ ବିଶେଷ କରି ସୁରେଜରେ ନିର୍ଗତ ଜଳଦ୍ୱାରା ପ୍ରଦୂଷିତ। ତେଣୁ ଚିଲାକ ମଧ୍ୟ ପ୍ରଦୂଷିତ। ତେଣୁ ଏହି ଦୁଇ ନଦୀକୁ ପ୍ରଦୂଷଣ ମୁକ୍ତ କରିବାକୁ ଆଶୁପଦକ୍ଷେପ ଏକାନ୍ତ ଜରୁରୀ।

ଋଷିକୁଲ୍ୟା ନଦୀ ଗଂଜାମ ଜିଲ୍ଲାର ଜୀବନରେଖା। ଏହାର ମୂଳ ଜଳ ଉତ୍ସ ପିପଳପଙ୍କା ସବୁଜ ବନାନୀ ଉପରେ ଥିବା ଜଳ ପ୍ରପାତ। ଗୋପାଳପୁର - ଟାଟା-ପ୍ରକଳ୍ପ ପାଇଁ ଏହି ପିପଳପଙ୍କାରେ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଥିଲା। ପ୍ରକଳ୍ପ ପାଇଁ ଏହି ପିପଳପଙ୍କାରେ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଥିଲା। ପ୍ରକଳ୍ପ ବିରୋଧୀ ଗଣ ସଂଗ୍ରାମ ସମିତି ସହିତ ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଗଣ ଅଭିଯାନ ଦ୍ୱାରା ପ୍ରକଳ୍ପକୁ ବନ୍ଦ କରାଗଲା। ଏବେ ନଦୀରୁ ବାଲି ଲୁଟ ନଦୀର ଅପୂରଣୀୟ କ୍ଷତି ସହ ନଦୀ ମୁହାଣ ଜୟଶ୍ରୀ କେମିକଲର ଜଳ ଶୋଷଣ ଓ ପ୍ରଦୂଷଣ ନଦୀପ୍ରତି ଉତ୍କଟ ସମସ୍ୟା ସୃଷ୍ଟି କରିଛି। ତାର ପ୍ରତିକାର ପାଇଁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ନଦୀଗୁଡ଼ିକୁ ସଂଯୋଗ କରି ଜଳ ସମସ୍ୟା ସମାଧାନ ପାଇଁ ୨୦୦୨ରୁ ପ୍ରସ୍ତାବିତ ନଦୀ ସଂଯୋଗୀକରଣ ଏକ ସାଂଘାତିକ ଯୋଜନା ଯାହା ଦ୍ୱାରା ନଦୀର ପ୍ରାକୃତିକ ସ୍ଥିତି ହଜିଯିବ। ତେଣୁ ତାହା ସୁବେଳ ପାଇଁ ବର୍ଜନୀୟ। ଓଡ଼ିଶାରେ ଏପରି ବହୁ ଛୋଟ ନଦୀ ରହିଛଇ ଯେଉଁଗୁଡ଼ିକ ସ୍ଥାନୀୟ ଜନତାଙ୍କ ଜୀବନ ରେଖା ସେ ଗୁଡ଼ିକରୁ କେତେ ମୃତ ଓ ଆଉ କେତେକ ମୃତ୍ୟୁମୁଖରେ। ତେଣୁ ଛୋଟ-ବଡ଼-ନଦୀମାନଙ୍କର ସ୍ଥିତି, ସେ ଗୁଡ଼ିକ ପ୍ରତି ହେଉଥିବା ବିକାଶ ନାମରେ ବିନାଶକାରୀ ପ୍ରକଳ୍ପ ବା ଯୋଜନା ଦ୍ୱାରା ଅବିରତ ର ପ୍ରତିରୋଧ ଓ ପ୍ରତିକାର କରିବା ପାଇଁ ଆମର ନଦୀ ଓ ତାର ଜଳ ଉତ୍ସର ସଂରକ୍ଷଣ ଓ ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ଓ ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ (ଘଇଚଗଙୟସବ୍ଷବ) ତର'ରୁ ଅଭିଯାନ ଆରମ୍ଭ ହୋଇଛି। ଉଦ୍ଦେଶ୍ୟ ହେଉଛି ଜନଜାଗରଣ, ସାମୁହିକ ଉଦ୍ୟମ ଦ୍ୱାରା ଆମ ଜଳସ୍ରୋତ, ଉତ୍ସଗୁଡ଼ିକୁ ସଂରକ୍ଷିତ ଓ ସୁରକ୍ଷା ସହ ସ୍ୱଚ୍ଛ ରଖିବା। ସରକାର ପାଖରେ ଆବଶ୍ୟକ ଦାବି ରଖି ପ୍ରଦୂଷଣର ପ୍ରତିକାର ସହ ବିକାଶ ନାମରେ ବିନାଶ କରୁଥିବା ଖଣିଖନନ, ଶିଳ୍ପାୟନ ଓ ସହରୀକରଣ ଉପରେ ଲଗାମ ଲଗାଇବା ଏକାନ୍ତକାମ୍ୟ। ନଦୀଗୁଡ଼ିକରେ ଯେପରି ଜୈବବିବିଧତା ସୁରକ୍ଷିତ ରହିବ ଓ ଅବିରତ ପ୍ରକୃତି ଜଳଧାର ବହିଚାଲିବ, ତାହାହିଁ ପ୍ରାଥମିକ ନୀତି ହେବା ଉଚିତ୍। ଆଜିର ଦିନରେ ନଦୀସଜ୍ୟାରୁ ଚୋରାବାଲି ଚାଲଣ ହେଉଛି ତାହା ନଦୀର ନଦୀର ଭୂତଳ ଜଳ ଧାରଣ ଓ ନଦୀଧାରର ସ୍ୱଚ୍ଛତା ପ୍ରତି ବାଧାସୃଷ୍ଟି କରୁଛି। ନଦୀତଟ ଖାଇଯାଉଛି। ମତ୍ସ୍ୟ ଉତ୍ପାଦନ କମିଯାଉଛି। ତେଣୁ ପ୍ରଶାସନ ଏସବୁର ପ୍ରତିକାର କରିବା ସହ ସ୍ଥାନୀୟ ଜନତା ସାମୁହିକ ଉଦ୍ୟମର ପ୍ରତିରୋଧ କରିବାକୁ ହେବ। ସେଥିପାଇଁ ନଦୀକୂଳିଆ ଗାଁ ଗାଁରେ ସ୍ୱେଚ୍ଛା ସେବକ ରୂପେ ସମସ୍ତ ଗ୍ରାମବାସୀ ଏକାଠି ହେବାର ସମୟ ଆସିଛି। ନଦୀ ତୁଠ ମଧ୍ୟ ପରିଷ୍କାର ରଖିବା ସହ ପୋଲିଥିନ୍ ସମତେ ବର୍ଜ୍ୟବସ୍ତୁ ନଦୀକୁ ଫୋପାଡ଼ ଅପକର୍ମକୁ ବନ୍ଦ କରିବାକୁ ହେବ। ନଦୀଗୁଡ଼ିକର ଜୈବ ବିବିଧତା, ଜଳସ୍ରୋତ ଉତ୍ସର ସୁରକ୍ଷା, ନଦୀର ପ୍ରାକୃତ ଜଳଧାରକୁ ନିରନ୍ତର ରଖିବା, ନଦୀକୁ ପ୍ରଦୂଷଣ ଓ ଶୋଷଣରୁ ମୁକ୍ତ ରଖିବା ସହ ନଦୀପ୍ରତି ଆମର ବ୍ୟବହାର ତଥା ପ୍ରକଳ୍ପ ପରିକଳ୍ପନା ପୂର୍ବରୁ ନଦୀର ଭବିଷ୍ୟତ ପ୍ରତି ଦାୟିତ୍ୱବାନ ହେବା ପାଇଁ ଏକ ଜାତୀୟ ନଦୀ ସୁରକ୍ଷା ଓ ସଂରକ୍ଷଣ ଆଇନର ଆବଶ୍ୟକତା ରହିଛି।

ଜଳବାୟୁ ପରିବର୍ତ୍ତନର ପ୍ରତିକାର ଓ ମୁକାବିଲା ପାଇଁ ପ୍ରାକୃତିକ ସଂପଦଗୁଡ଼ିକର ଭବିଷ୍ୟତ ପାଇଁ ସଂରକ୍ଷଣ ଓ ବର୍ତ୍ତମାନର ସାମୁହିକ ଆବଶ୍ୟକତା ଅନୁଯାୟୀ ସଦ୍ବ୍ୟବହାର ଦୃଷ୍ଟିରୁ ସମସ୍ତ ନଦୀ ଓ ସେମାନଙ୍କ ଜଳ ଉତ୍ସର ସୁରକ୍ଷା ଆମର ପ୍ରାଥମିକ ଦାୟିତ୍ୱ। ସରକାର ଆମର ପ୍ରତିନିଧି ତେଣୁ ନଦୀ ସୁରକ୍ଷାର ନଦୀର ଉତ୍ସଗୁଡ଼ିକର ସଂରକ୍ଷଣ ପାଇଁ ନଦୀ-ସୁରକ୍ଷା ଆଇନର ଆବଶ୍ୟକତାକୁ ଉପଲବ୍ଧ କରିବା ଏକାନ୍ତ ଜରୁରୀ। ନଦୀ ବଞ୍ଚାଅ-ମାନବତା ବଞ୍ଚାଅ। ନଦୀ-ଜଳ ଉତ୍ସ ଗୁଡ଼ିକର ସୁରକ୍ଷା ହିଁ ଜୀବନ ସୁରକ୍ଷା।